ହରିୟାଣା ରାଜ୍ୟ ଏବଂ ଅନ୍ୟମାନେ

ବନାମ

ରାଇ ଚାନ୍ଦ ଜୈନ ଏବଂ ଅନ୍ୟମାନେ

21 ଏପ୍ରିଲ, 1997

[କେ. ରାମସ୍ୱାମୀ ଏବଂ ଡି. ପି. ୱାଧୱା, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ:*

*ବେତନହାର- ପ୍ରବରଣ ପଦକ୍ରମ ବେତନହାରରେ ବେତନରେ ସମାନତା- କୁହାଗଲା: ଯେହେତୁ ସରକାର ନିଜେ 1.1.86 ପୂର୍ବରୁ ଯେଉଁଠାରେ ଉପଲବ୍ଧ ପ୍ରବରଣ ପଦକ୍ରମର ଗଣନା କରିବାକୁ ଏବଂ ସଂବର୍ଗର ମୋଟ ସାମର୍ଥ୍ୟ ଆଧାରରେ ସମ୍ପାଦନ କରିବାକୁ ସ୍ୱୀକାର କରିଛନ୍ତି, ପରିମାଣମୂଳକ ସୁବିଧାମାନ ସହିତ, କୌଣସି ହସ୍ତକ୍ଷେପର ପ୍ରୟୋଜନ ନାହିଁ - ବକେୟା ଦେୟ- କେଉଁ ତାରିଖ ଠାରୁ ଦେୟ ପୈଠ କରାଯିବ, ଏକ କାର୍ଯ୍ୟ ନିର୍ବାହୀ ନୀତି ହୋଇଥିବାରୁ, ଅନୁଚ୍ଛେଦ 14 ର ଉଲ୍ଲଙ୍ଘନ ନୁହେଁ- ଭାରତୀୟ ସମ୍ବିଧାନ, ଅନୁଚ୍ଛେଦ 14 ।*

*ଯେଉଁ ଶିକ୍ଷକମାନେ ଉଚ୍ଚ ଶିକ୍ଷାଗତ ଯୋଗ୍ୟତା ହାସଲ କରିନାହାଁନ୍ତି- କୁହାଗଲା ସେମାନେ ଉଚ୍ଚ ବେତନହାର ପାଇବାକୁ ଯୋଗ୍ୟ ନୁହଁନ୍ତି ।*

*ହରିୟାଣା ରାଜ୍ୟ ଏବଂ ଅନ୍ୟଜଣେ ବନାମ ରବି ବାଲା ଏବଂ ଅନ୍ୟମାନେ* **[1997] 1 ଏସସିସି 267 ଏବଂ** *ୱାଜିର ସିଂ ବନାମ ହରିୟାଣା ରାଜ୍ୟ,* **[1995] ସପ୍ଲି. 3 ଏସସିସି 697, ଉପରେ ନିର୍ଭର କରାଯାଇଛି ।**

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 3236-3274/1997 ।

ସି.ଡବ୍ଲ୍ୟୁ.ପି. ସଂଖ୍ୟା 13493/91, 486, 521/91, 8709/93, 16884/91, 910/94, 2143/93, 2828/94, 3365/94, 6101/94, 14403-04, 15092/93, 8705, 10341, 9800/93, 2460, 1387, 6965, 6986/94, 13683, 6923/93, 6353/94, 15523/93, 281/94, 14046/93, 16146, 16560/94, 3946/95, 16891/94, 3945/95, 4231/95, 6927/93, 1112, 2896/95, 15630/94, 16879/91, 6569, 6232/93 ରେ ପଞ୍ଜାବ ଏବଂ ହରିୟଣା ଉଚ୍ଚ ନ୍ୟାୟାଳୟର ତା 2.11.93, 2.4.92, 26.5.94, 10.8.94, 28.3.94, 6.3.95, 15.5.95, 8.11.93, 6.3.95, 2.11.93, 5.8.93, 2.4.92, 5.8.93 ରିଖ ରାୟ ତଥା ଆଦେଶରୁ

ଆବେଦନକାରୀମାନଙ୍କ ପକ୍ଷରୁ ଯଶବୀର ମଲିକ ଏବଂ ପ୍ରେମ ମାଲହୋତ୍ରା ।

ପ୍ରତିବାଦୀମାନଙ୍କ ପକ୍ଷରୁ ପଙ୍କଜ କାଲରା, ରଣବୀର ଯାଦବ, ପ୍ରଦୀପ ଗୁପ୍ତା, କେ. କେ. ଗୁପ୍ତା, ଏ. ସି. ମାହିମକର, ଏମ. ଏସ. ଦହିୟା, ଏ. କେ. ଗୋୟଲ, ଶ୍ରୀମତୀ ଶୀଲ ଗୋୟଲ ଏବଂ ଗୁଡୱିଲ ଇନ୍ଦୀବର ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ପ୍ରତିସ୍ଥାପନ ମଞ୍ଜୁର କରାଗଲା ।

ଅନୁମତି ମଞ୍ଜୁର କରାଗଲା । ଆମ୍ଭେ ଉଭୟ ପକ୍ଷଙ୍କ ଓକିଲଙ୍କୁ ଶୁଣିଛୁ ।

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନଗୁଡ଼ିକ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର ସି.ଡବ୍ଲ୍ୟୁ.ପି ସଂଖ୍ୟା 13493/91 ଏବଂ ଅନ୍ୟାନ୍ୟ ମାମଲାରେ ଏକତ୍ର ଭାବେ ଦିଆଯାଇଥିବା ତା 2.11.1993 ରିଖର ରାୟ ତଥା ଆଦେଶରୁ

ଆଗତ । ସମସ୍ତ ତଥ୍ୟଗତ ବିବରଣୀ ବର୍ଣ୍ଣନା କରିବାର ଆବଶ୍ୟକତା ନାହିଁ । ଏହା କହିବା ଯଥେଷ୍ଟ ହେବ ଯେ ଉଚ୍ଚ ନ୍ୟାୟାଳୟ ସେମାନଙ୍କୁ ମଞ୍ଜୁର କରିଥିବା ପ୍ରବରଣ ପଦକ୍ରମ ବେତନ-ହାରରେ ପ୍ରତିବାଦୀମାନେ ବେତନ ପ୍ରଦାନ ଦାବି କରିଛନ୍ତି । ଆମ୍ଭେ ଏହି ମାମଲାକୁ ଚୂଡ଼ାନ୍ତ ଫଏସଲା ପାଇଁ ଗ୍ରହଣ କରିଥିବାବେଳେ, ପ୍ରତିବାଦୀଙ୍କ ଶ୍ରୀମାନ ଓକିଲ ଶ୍ରୀ ପଙ୍କଜ କାଲରା, 20 ଅଗଷ୍ଟ, 1996 ରେ ସରକାରଙ୍କ ଦ୍ୱାରା ପାରିତ କରାଯାଇଥିବା ଆଦେଶକୁ ଆମ୍ଭ ଦୃଷ୍ଟିକୁ ଆଣିଥିଲେ, ଯାହା ଆର୍ଥିକ ଆୟୁକ୍ତ ଏବଂ ସଚିବ, ହରିୟାଣା ସରକାର, ଅର୍ଥ ବିଭାଗଙ୍କ ପକ୍ଷରୁ ଯୁଗ୍ମ ସଚିବ (ଅର୍ଥ)ଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଥିଲା, ଯାହା ନିମ୍ନରୂପେ ପଠନୀୟ:

> "ଉପରୋକ୍ତ ବିଷୟ ପ୍ରତି ଆପଣଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଏବଂ ଏହା କହିବାକୁ ମୋତେ ନିର୍ଦ୍ଦେଶ ଦିଆଯାଇଛି ଯେ 1.4.79 ପୂର୍ବରୁ ଗ୍ରୁପ୍ ସି ଏବଂ ଡି ବର୍ଗର କର୍ମଚାରୀଙ୍କର ପ୍ରବରଣ ପଦକ୍ରମ ଏକ ନିର୍ଦ୍ଦିଷ୍ଟ ସଂବର୍ଗରେ ସ୍ଥାୟୀ ପଦବୀ ସଂଖ୍ୟା ଆଧାରରେ ଗ୍ରହଣୀୟ ଥିଲା ଏବଂ ପରେ, ତା 1.1.86 ରିଖ ପର୍ଯ୍ୟନ୍ତ, ଯେଉଁ ତାରିଖରେ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ସମାପ୍ତ ହୋଇଥିଲା, ପ୍ରବରଣ ପଦକ୍ରମ ପଦବୀ ସଂଖ୍ୟା ନିର୍ଦ୍ଧାରଣ କରିବା ପାଇଁ, ପୂର୍ବ ତିନି ବର୍ଷ ପାଇଁ ବିଦ୍ୟମାନ ଅସ୍ଥାୟୀ ପଦବୀଗୁଡ଼ିକୁ ଧ୍ୟାନରେ ରଖା ଯାଇଥିଲା ।
>
> ଶିକ୍ଷା ବିଭାଗର କେତେକ ଶିକ୍ଷକମାନଙ୍କ ଦ୍ୱାରା ଉଚ୍ଚ ନ୍ୟାୟାଳୟରେ ସି.ଡବ୍ଲ୍ୟୁ.ପି. ସଂଖ୍ୟା 2143/1994 ଓ ସି.ଡବ୍ଲ୍ୟୁ.ପି. ସଂଖ୍ୟା 11255/1995 ଦାଖଲ କରାଯାଇଥିଲା ଏବଂ ଏଗୁଡ଼ିକର ଫଏସଲା କରିବା ସମୟରେ, ମାନ୍ୟବର ଉଚ୍ଚ ନ୍ୟାୟାଳୟ ଆବେଦନକାରୀମାନଙ୍କର ସମସ୍ତ ଆନୁଷଙ୍ଗିକ ସୁବିଧାମାନ ସହିତ ସ୍ଥାୟୀ ଏବଂ ଅସ୍ଥାୟୀ ପଦବୀ ସମେତ ମୋଟ କ୍ଷମତା ଆଧାରରେ ପ୍ରବରଣ ପଦକ୍ରମ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତେଣୁ ରାୟ ଅନୁସାରେ ଶିକ୍ଷା ବିଭାଗର କର୍ମଚାରୀମାନଙ୍କୁ ଏହି ସୁବିଧାମାନ ପ୍ରଦାନ କରାଯାଇଛି ।
>
> ତେଣୁ ସରକାର ନିର୍ଣ୍ଣୟ ନେଇଛନ୍ତି ଯେ 1.1.86 ଯେଉଁଠାରେ ପୂର୍ବରୁ ପ୍ରବରଣ ପଦକ୍ରମ ଉପଲବ୍ଧ ସେଠାରେ ସ୍ଥାୟୀ ଏବଂ ଅସ୍ଥାୟୀ ପଦବୀଗୁଡ଼ିକ ସମେତ ମୋଟ ସାମର୍ଥ୍ୟ ଆଧାରରେ ତାହାକୁ ସମ୍ପାଦନ କରାଯାଇପାରିବ ଏବଂ ଏହିପରି ନିର୍ଣ୍ଣୟ ତାରିଖର ପୂର୍ବରୁ 38 ମାସର ବକେୟା ସମେତ ଅନ୍ୟାନ୍ୟ ସମସ୍ତ ଆନୁଷଙ୍ଗିକ ସୁବିଧାମାନ ଯୋଗ୍ୟ କର୍ମଚାରୀମାନଙ୍କୁ ପ୍ରଦାନ କରାଯିବ ।"

ଉପରୋକ୍ତ ନିର୍ଦ୍ଦେଶ ଦୃଷ୍ଟିରୁ, ଆମ୍ଭର ମତ ଏହିକି ଯେ ଯେହେତୁ ସରକାର ନିଜେ 1.1.86 ପୂର୍ବରୁ ଯେଉଁଠାରେ ଉପଲବ୍ଧ ଥିବ ସେଠାରେ ପ୍ରବରଣ ପଦକ୍ରମର ଗଣନ କରିବାକୁ ପଡ଼ିବ ଏବଂ ନିର୍ଣ୍ଣୟ ତାରିଖ, ଅର୍ଥାତ୍, ତା 20.8.1996 ରିଖ ପୂର୍ବରୁ ସ୍ଥାୟୀ ଏବଂ ଅସ୍ଥାୟୀ ପଦବୀଗୁଡ଼ିକ ସମେତ ସଂବର୍ଗର ମୋଟ ସାମର୍ଥ୍ୟ ଆଧାରରେ 38 ମାସ ପାଇଁ ବକେୟା ସମେତ ପରିଣାମମୂଳକ ସୁବିଧାମାନ ସହିତ ଏହାକୁ ସମ୍ପାଦିତ କରିବାକୁ ସ୍ୱୀକୃତି ଦେଇଛନ୍ତି, ଆଉ ଏହି ମାମଲାଗୁଡ଼ିକରେ କୌଣସି ହସ୍ତକ୍ଷେପର ପ୍ରୟୋଜନ ନାହିଁ ।

ଶ୍ରୀମାନ ଓକିଲ ଶ୍ରୀ ପଙ୍କଜ କାଲରା କହିଛନ୍ତି ଯେ ବକେୟା ଦେୟ ପାଇଁ 38 ମାସର ସମୟସୀମା ନିର୍ଦ୍ଧାରଣ ସ୍ୱେଚ୍ଛାଚାରୀ ଅଟେ । ଉକ୍ତ ଯୁକ୍ତିରେ ଆମ୍ଭେ କୌଣସି ଦମ୍ଭ ପାଉନାହୁଁ । କେଉଁ ଦିନଠାରୁ କର୍ମଚାରୀମାନଙ୍କୁ ବକେୟା ପ୍ରଦାନ କରାଯିବ ତାହାର ସମ୍ପାଦନତାକୁ କାର୍ଯ୍ୟନିର୍ବାହୀ ନୀତିର ଏକ ଅଂଶ ଭାବରେ ନିଷ୍ପତ୍ତି ନେବା ସରକାରଙ୍କ ଦାୟିତ୍ୱ । ବିଷୟଟି

କାର୍ଯ୍ୟନିର୍ବାହୀ ନୀତି ପ୍ରକୃତିର ହୋଇଥିବା ଦୃଷ୍ଟିରୁ, ଆମ୍ଭେ ମନେ କରୁନାହୁଁ ଯେ ସେମାନଙ୍କ ଦ୍ୱାରା ନିଆଯାଇଥିବା ନିର୍ଣ୍ଣୟ ସମ୍ବିଧାନର ଅନୁଚ୍ଛେଦ 14 କୁ ଉଲ୍ଲଂଘନ କରୁଛି ।

ଉପରୋକ୍ତ ଆଦେଶ ଦୃଷ୍ଟିରେ, ଆମ୍ଭେ ମନେ କରୁ ଯେ ଏହି ନ୍ୟାୟାଳୟ ପାଖରେ ଉଚ୍ଚ ନ୍ୟାୟାଳୟଙ୍କ ରାୟରେ ହସ୍ତକ୍ଷେପ କରିବା ପାଇଁ କିଛି ନାହିଁ । ତଦନୁସାରେ ଆବେଦନଗୁଡ଼ିକୁ ଖାରଜ କରାଯାଉଛି । କୌଣସି ବାବଦ ଖର୍ଚ୍ଚ ନାହିଁ ।

*ସି.ଏ. ସଂଖ୍ୟା 3267/97 @ ଏସ.ଏଲ.ପି. (C) ସଂଖ୍ୟା 11705/95*

ଯଦିଓ ପ୍ରତିବାଦୀମାନଙ୍କୁ ନୋଟିସ ପ୍ରଦାନ କରାଯାଇଛି, କେହି ବ୍ୟକ୍ତିଗତ ଭାବରେ କିମ୍ବା ଓକିଲଙ୍କ ମାଧ୍ୟମରେ ହାଜର ହୋଇନାହାଁନ୍ତି । ଏହି ମାମଲାରେ ଉତ୍ଥିତ ବିବାଦଟି *ହରିୟାଣା ରାଜ୍ୟ ଏବଂ ଅନ୍ୟଜଣେ* ବନାମ *ରବି ବାଲା ଏବଂ ଅନ୍ୟମାନେ*, [1997] 1 ଏସସିସି 267 ରେ ଏହି ନ୍ୟାୟାଳୟଙ୍କ ରାୟ ଦ୍ୱାରା ଅନ୍ତର୍ଭୁକ୍ତ । ପରିଚ୍ଛେଦ 4 ରେ, ଏହି ନ୍ୟାୟାଳୟ , *ୱାଜିର ସିଂ* ବନାମ *ହରିୟାଣା ରାଜ୍ୟ*, [1995] ସପ୍ଲି. 3 ଏସସିସି 697 ମାମଲାରେ ପ୍ରଦତ୍ତ ନିର୍ଣ୍ଣୟକୁ ଅନୁସରଣ କରି କହିଛନ୍ତି ଯେ, ସମ୍ପୃକ୍ତ ଶିକ୍ଷକଗଣ ଯେଉଁମାନେ ବି.ଟି. କିମ୍ବା ବି.ଏଡ. ଡିଗ୍ରୀ ହାସଲ କରିଛନ୍ତି, ସେମାନେ ସେହି ଯୋଗ୍ୟତା ହାସଲ କରିବାର ସମ୍ପୃକ୍ତ ତାରିଖ ଠାରୁ ଉଚ୍ଚତ୍ତର ବେତନହାର ପାଇବାକୁ ହକଦାର ହେବେ । ତେଣୁ ଯୋଗ୍ୟତା ଅର୍ଜନ ତାରିଖ ପୂର୍ବରୁ ସେମାନେ ଉଚ୍ଚତ୍ତର ବେତନହାର ପାଇବାକୁ ହକଦାର ନୁହଁନ୍ତି ।

ତଦନୁସାରେ ଆବେଦନକୁ ଅନୁମତି ଦିଆଯାଉଛି । କୌଣସି ଖର୍ଚ୍ଚ ନାହିଁ ।

ଜି. ଏନ.

ସି. ଏ. ସଂଖ୍ୟା 3236 ରୁ 3266 ଏବଂ
3268 ରୁ 3274/97 କୁ ଖାରଜ କରାଯାଇଥିଲା ।
ସି. ଏ. ସଂଖ୍ୟା 3267/97 ଅନୁମୋଦିତ ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**